# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୯ ଜାନୁଆରୀ ୨୦୨୬ ● ସୋମବାର

## ନରାଜ ବ୍ରିଜ ତଳୁ ନବଜାତକର ମୃତ ଦେହ ଉଦ୍ଧାର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ନରାଜ ବ୍ରିଜ ତଳୁ ରବିବାର ଏକ ନବଜାତ ପୁତ୍ରର ମୃତ ଦେହକୁ ପୋଲିସ ଉଦ୍ଧାର କରିଛି। ନରାଜ ବ୍ରିଜ ତଳେ ଅଟକି ରହିଥିବା ବେଳେ ନବଜାତକୁ ଉଦ୍ଧାର କରି ପୋଲିସ ବ୍ୟବଚ୍ଛେଦ ପାଇଁ ମେଡ଼ିକାଲକୁ ପଠାଇଛି। ତେବେ ଏଭଳି ଭାବେ ନବଜାତକକୁ କିଏ ଓ କାହିଁକି ଫୋପାଡ଼ି ଦେଇଛି, ତାହାକୁ ନେଇ କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ ନବଜାତ ଶିଶୁଟିକୁ ନରାଜ ସେତୁରୁ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ନଦୀରେ ପଡ଼ିବା ପରିବର୍ତ୍ତେ, ଶିଶୁଟି ବ୍ୟାରେଜ ଗେଟର କଂକ୍ରିଟ ଅଂଶରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମତ୍ସ୍ୟଜୀବିମାନେ ପ୍ରଥମେ ମୃତଦେହକୁ ଦେଖି ତୁରନ୍ତ ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପୋଲିସ ଶିଶୁପୁତ୍ରର ମୃତ ଦେହକୁ ପୋଷ୍ଟ ମର୍ଟମ ପାଇଁ ମେଡ଼ିକାଲ ପଠାଇଛି। ଏହାକୁ ନେଇ ଗୋଡ଼ିସାହି ଥାନା ପୋଲିସ ତଦନ୍ତ ଜାରି ରଖିଛି।

## ଶବ୍ଦ ଆଲୋକ ଶୋରେ ପର୍ଯ୍ୟଟକଙ୍କ ଭିଡ଼



**କୋଣାର୍କ:ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ସୂର୍ଯ୍ୟମନ୍ଦିର ଲାଇଟ ଆଣ୍ଡ ସାଉଣ୍ଡ ସୋରେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳୁଛି। ରବିବାର ପ୍ରଥମ ଶୋରେ ୨୯୪ ପର୍ଯ୍ୟଟକ ଟିକେଟ କାଟି ଶୋ ଉପଭୋଗ କରିଥିଲେ। ସୂର୍ଯ୍ୟମନ୍ଦିର ଦକ୍ଷିଣ ପୂର୍ବ ପାର୍ଶ୍ୱରେ ୮ଟି ଅତ୍ୟାଧୁନିକ ପ୍ରୋଜେକ୍ଟର ମାଧ୍ୟମରେ ଅପଗ୍ରେଡେସନ କରାଯାଇ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ପାଇଁ ବ୍ୟବସ୍ଥା ହୋଇଛି। ଶବ୍ଦ ଓ ଆଲୋକ ମାଧ୍ୟମରେ ୪୦ମିନିଟର କାହାଣୀ ସୂର୍ଯ୍ୟମନ୍ଦିରରେ ପ୍ରଦର୍ଶିତ ହେଉଛି। ଓପନ ସାଉଣ୍ଡ ସିଷ୍ଟମରେ ହିନ୍ଦୀ ଭାଷାରେ ପର୍ଯ୍ୟଟକମାନେ ଏହାକୁ ମନଭରି ଉପଭୋଗ କରୁଛନ୍ତି। ଏକକାଳୀନ ୩ଶହରୁ ଅଧିକ ପର୍ଯ୍ୟଟକ ବସିବା ଭଳି ସ୍ୱତନ୍ତ୍ର ଚେୟାର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟା ୬ଟା ୩୦ରୁ ୭ଟା ୧୦ ଏବଂ ୭ଟା ୩୦ରୁ ୮ଟା ୧୦ପର୍ଯ୍ୟନ୍ତ ଦୁଇଟି ସୋ ଚାଲୁଛି। ଗ୍ରୀଷ୍ମ ଦିନରେ ସମୟ ପରିବର୍ତ୍ତନ କରାଯିବ।

## ମହାଗିରି ପ୍ରେସ କ୍ଲବର ଦ୍ୱିତୀୟ ବାର୍ଷିକୋତ୍ସବ



**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଟମକା ଅଞ୍ଚଳର ମହାଗିରି ପ୍ରେସ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ ସମାରୋହ ଶନିବାର ଉତ୍ସାହ, ଉଲ୍ଲାସ ଓ ଭବ୍ୟତାର ସହିତ ଆୟୋଜିତ ହୋଇଥିଲା। ସଂଘର ସଭାପତି ମଳୟ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ)ର ସଭାପତି କୈଳାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନେ ହିଁ ସମାଜ ଗଠନର ମୂଳ ଶକ୍ତି ଓ ଲୋକତନ୍ତ୍ରର ଚତୁର୍ଥ ଖମ୍ବ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ଶ୍ରୀ ନାୟକ ତାଙ୍କ ଭାଷଣରେ ସାମ୍ବାଦିକମାନଙ୍କ ଉପରେ ବଢୁଥିବା ଚାପ, ସୁରକ୍ଷା ସମସ୍ୟା ଓ ପେଶାଗତ ଅସୁବିଧାକୁ ଉଲ୍ଲେଖ କରି ସରକାରଙ୍କୁ ଏହାର ସ୍ଥାୟୀ ସମାଧାନ ପାଇଁ ତ୍ୱରିତ ଓ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ। ସମାରୋହରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଝାଡେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, କଳିଙ୍ଗନଗର ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ୍, ନୟୁଜେର ରାଷ୍ଟ୍ରିୟ ସଂଗଠନ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ ଏବଂ ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ସାମ୍ବାଦିକମାନେ ସଂଗଠିତ ହୋଇ ସତ୍ୟ, ସେବା ଓ ସାହସର ପଥରେ ଅଟୁଟ ରହିବାକୁ ଆହ୍ୱାନ କରିଥିଲେ। ଅତିଥିମାନେ ଟମକା ପରି ଛୋଟ ଅଞ୍ଚଳରେ ଏକ ସକ୍ରିୟ ପ୍ରେସ କ୍ଲବର ଗଠନକୁ ସ୍ୱାଗତ କରି ଏହାକୁ ସ୍ଥାନୀୟ ସମସ୍ୟା, ଲୋକଙ୍କ ସ୍ୱର ଓ ଉନ୍ନୟନ ମୁଦ୍ଦାକୁ ଆଗକୁ ଆଣିବାରେ ଏକ ସକାରାତ୍ମକ ମଞ୍ଚ ବୋଲି ମନେ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷମାନଙ୍କ ସହିତ ଯାଜପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳର ସାମ୍ବାଦିକ ସଂଘ ସଭାପତି ଏବଂ ଖବରକାଗଜ ପ୍ରତିନିଧିମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ଦ୍ୱାରା ସାମ୍ବାଦିକତାର ସମ୍ମାନ, ସମର୍ପଣ ଓ ଦାୟିତ୍ୱବୋଧକୁ ଆଉ ଅଧିକ ମଜବୁତ କରାଯାଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ବାବାଜି ଚରଣ ଜେନା କରିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ନରୋତ୍ତମ ବେହେରା, ସହ ସମ୍ପାଦକ ଅନିଲ କୁମାର ଦାସ, କୋଷାଧ୍ୟକ୍ଷ ଅଜୟ କୁମାର ଦେହୁରୀ, ଉପଦେଷ୍ଟା ଉମାକାନ୍ତ ମହାପାତ୍ର, ବରିଷ୍ଠ ସଭ୍ୟ ଭରତ ଚନ୍ଦ୍ର ହୋତା, କାଳନ୍ଦୀ ମିଶ୍ର, ଖଗେଶ୍ୱର ମହାନ୍ତ ଓ ବିଷ୍ଣୁଚରଣ ମହାନ୍ତ ପ୍ରମୁଖ ସଦସ୍ୟମାନେ ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ।

## ଜାମ୍ମୁ କାଶ୍ମୀର ଦଶପଲ୍ଲା କପ ଚାମ୍ପିଅନ



**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିବସ ତଥା ଫାଇନାଲ ମ୍ୟାଚ ଆଜି ଅନୁଷ୍ଠିତ ହୋଇଥିଲା। ଆଜି ଫାଇନାଲକୁ ବିଭିନ୍ନ ପର୍ଯ୍ୟାୟରେ ଉନ୍ନୀତ ହୋଇଥିବା ବିହାର ଦଳ ସହ ଜାମ୍ମୁ କାଶ୍ମୀର ଦଳର ଖେଳ ହୋଇଥିଲା। ପ୍ରଥମାର୍ଦ୍ଧରେ ଉଭୟ କେହି କାହାରିକୁ ଗୋଲ ଦେଇ ପାରି ନଥିଲେ। ଦ୍ୱିତୀୟାର୍ଦ୍ଧର ଖେଳରେ କାଶ୍ମୀର ଦଳ ୨ଟି ଗୋଲ ଦେଇ ଚାମ୍ପିଅନସ ଟ୍ରଫି ହାତେଇ ନେଇଥିଲା। ଖେଳରେ ରେଫରୀ ଦାୟିତ୍ୱ ତୁଲାଇଥିଲେ ରାଜୁ ମହାନ୍ତି। ଆଜି ଖେଳର ଅତିଥି ଭାବେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଜିର ଚାମ୍ପିଅନ ଏବଂ ରନର୍ସ ଅପ ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରା ଯାଇଥିଲା। ଏଥି ସହିତ ରାଜ୍ୟ ସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟର ବିଜେତା ଇଟାମାଟି ଓ ଉପ ବିଜେତା ଭୁବନେଶ୍ୱର ଦଳକୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ପ୍ରତିଦିନ ୧୦ଜଣ ଲେଖାଏଁ ବଛା ଯାଇଥିବା ଶ୍ରେଷ୍ଠ ଦର୍ଶକଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ବ୍ୟକ୍ତିଙ୍କୁ ଲଟେରୀ ମାଧ୍ୟମରେ ବଛାଯାଇ ପୁରସ୍କୃତ କରାଯାଇଥିଲା। ପରି ଶେଷରେ ସୋସାଇଟିର ସଭାପତି ଦିଲ୍ଲୀପ କୁମାର ପଣ୍ଡା, ଉପ ସଭାପତି ପରେଶ କୁମାର ସିଂ, ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଥିଲେ।

## ଛୁଆଙ୍କ ଖାଦ୍ୟରେ ଲୁଟିନେଲେ ୨ କୋଟି

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁ, ପ୍ରସୂତୀ ଓ କିଶୋରୀ ବାଳିକାଙ୍କ ପାଇଁ ଆରମ୍ଭ ହୋଇଥିବା 'ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପୁଷ୍ଟିକର ଯୋଜନା' କାକଟପୁର ବ୍ଲକରେ ବାଟବଣା। ୨୦୨୩ ଡିସେମ୍ବରରୁ ୨୦୨୫ ଡିସେମ୍ବର ମଧ୍ୟରେ ଯୋଗାଇ ଦିଆଯାଇଥିବା ରାସନରେ ବ୍ୟାପକ ଓଜନ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏକ ପ୍ରାଥମିକ ହିସାବରୁ ଜଣାପଡିଛି ଯେ, ଯଦି ଦୁଇ ବର୍ଷର କମ୍ ଓଜନର ରାସନକୁ ଆକଳନ କରାଯାଏ, ତେବେ ଏହା ପ୍ରାୟ ୨କୋଟି ଟଙ୍କାର ଅନିୟମିତତା ହୋଇପାରେ ବୋଲି ଅନୁମାନ କରାଯାଉଛି। ଓଜନରେ ମହାଦୁର୍ନୀତି ବିଷୟ ଏକ ନଜର (ବାଗୁରିଗାଁରୁ ମିଳିଥିବା ସାଂଘାତିକ ତଥ୍ୟ)ରୁ ପଦାକୁ ଆସିଲା ଅନିୟମିତତା ବିଷୟରେ। ବେଲବାରୀ ଗ୍ରାମର ନରେନ୍ଦ୍ର ସ୍ୱାଇଁ ଅକ୍ଟୋବର ମାସରେ ଗୋପ ଓ କାକଟପୁର ବ୍ଲକର ରାସନକୁ ତୁଳନା କରି ପ୍ରଶାସନିକ ଅଧିକାରୀଙ୍କ ସମ୍ମୁଖରେ ପ୍ରମାଣ ରଖିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଚଳିତ ମାସରେ 'ମା ଭବାନୀ' ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା କାକଟପୁର ଓ କଟକଣା ପଞ୍ଚାୟତରେ ଯୋଗାଇ ଦିଆଯାଇଥିବା ଚଣା କଞ୍ଚା ରହିଥିବା ବେଳେ ଲଡୁ ପ୍ୟାକେଟ ଓଜନ ମାତ୍ର ୧୯୦ରୁ ୨୨୦ ଗ୍ରାମ ରହିଥିବା ଦେଖିବାକୁ ମିଳିଛି। ପ୍ରଶାସନ ଓ ଜନପ୍ରତିନିଧିଙ୍କ ପ୍ରତିକ୍ରିୟା



ଅବସରରେ କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦୀକ୍ଷିତ କମ୍ ଓଜନର ରାସନ ମିଳିଲେ ତାହାକୁ ଗ୍ରହଣ ନକରି ସଙ୍ଗେ ସଙ୍ଗେ ଫେରାଇ ଦେବାକୁ ହିତାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। କାକଟପୁର ପଞ୍ଚାୟତ ସମିତି ସଭ୍ୟ ସମରେନ୍ଦ୍ର ଦୀକ୍ଷିତ ଓ ସୂଚନା କର୍ମୀ କରୁଣାକର ସେନାପତି କହିଛନ୍ତି ଯେ, ଆଗକୁ ହିତାଧିକାରୀଙ୍କୁ ଘରକୁ ଘର ବୁଲି ସଚେତନ କରାଯିବ, ଯାହାଦ୍ୱାରା ଦୁର୍ନୀତି ରୋକାଯାଇପାରିବ। ଚଳିତ ମାସରେ ନୂତନ ସିଡିପିଓ ଯୋଗଦାନ କରିଛନ୍ତି। ନୂତନ ସିଡିପିଓଙ୍କ ଯୋଗଦାନ ପରେ ବ୍ୟବସ୍ଥାରେ ସଂସ୍କାର ଆସିବ ବୋଲି ଆଶା କରାଯାଉଛି। କିନ୍ତୁ ଯଦି ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନିଜର ଶୈଳୀ ନବଦଳାନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି।

## ଶ୍ରୀ ଗଣେଶ ସମ୍ମାନ ପ୍ରଦାନ



**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ ଅଧୀନସ୍ଥ ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଶାନ୍ତିସ୍ତୁପ, ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ, ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ, ଉତ୍କଳ ଜୟଦେବ ଫାଉଣ୍ଡେସନ ଓ ନିୟୁ ଭାର୍ଗବୀ ଫାଉଣ୍ଡେସନ ମିଳିତ ସହଯୋଗରେ ଆୟୋଜିତ ଶ୍ରୀ ଗଣେଶ ସମ୍ମାନ ୨୦୨୫ ବାଳକାଟି ଶ୍ରୀ କନଭେନସନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ୬ଟି ପଞ୍ଚାୟତର ୪୦ଟି ଗଣେଶ ମଣ୍ଡପକୁ ୫ ଜଣିଆ ସଦସ୍ୟ ପରିଦର୍ଶନ କରିଥିଲେ ସେଥି ମଧ୍ୟରୁ ୮ଟି ମଣ୍ଡପକୁ ବିଭିନ୍ନ କ୍ଷେତ୍ରରେ ତଥା ପରିବେଶ ସୁରକ୍ଷା, ସୁନ୍ଦର ସାଜସଜ୍ଜା, ସୁନ୍ଦର ମୂର୍ତ୍ତି, ସମାଜକୁ ସୁନ୍ଦର ବାର୍ତ୍ତା ଓ ଶୃଙ୍ଖଳା ଜ୍ଞାନ ନେଇ ମନୋନୟନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ଅନୁଷ୍ଠାନକୁ ଅର୍ଥ ରାଶି ଦୁଇ ହଜାର ଟଙ୍କା, ଉତ୍ତରୀୟ, ସ୍ମୃତି ଫଳକ ଓ ପୁଷ୍ପ ଗଛ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଞ୍ଚଳରେ ଯୁବକମାନଙ୍କ ଭିତରେ ଭାଇଚାରା ବୃଦ୍ଧି, କଳାସଂସ୍କୃତିର ପ୍ରଚାର ପ୍ରସାର, ପରିବେଶ ସୁରକ୍ଷା ଓ ନିଶାମୁକ୍ତ ସମାଜ ଗଠନ। ଶାନ୍ତି ସ୍ତୁପ ସମ୍ପାଦକଙ୍କ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପ୍ରଶମନ ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଅଭିଭାଷଣରେ ଯୁବ ସମାଜ ନିଜର କଠିନ କର୍ମ ବଳରେ ଅନ୍ୟକୁ ଉତ୍ସାହିତ କରିପାରିବେ କିନ୍ତୁ ଭାଷଣରେ ନୁହେଁ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ ଆରବିନ୍ଦ ଢ଼ାଲି, ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ନିର୍ମାଣ ଏଜୁକେସନାଲ୍ ଟ୍ରଷ୍ଟ ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି, ବିଜେପି ବାଳକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଉତ୍କଳ ଜୟଦେବ ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। ଆନି ତ୍ରିପାଠୀ ମଞ୍ଚ ସଞ୍ଚାଳନ କରିବାବେଳେ ପରିଚାଳନରେ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଓ ନିୟୁ ଭାର୍ଗବୀ ଫାଉଣ୍ଡେସନ ଅଧ୍ୟକ୍ଷ ଜଗମୋହନ ସେଠୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପୂଜା ମଣ୍ଡପର ୪୦୦ରୁ ଉର୍ଦ୍ଧ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## ନିଆଳି ମହୋତ୍ସବ ହୋର୍ଡିଂକୁ ନେଇ ବିବାଦ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ମହୋତ୍ସବ ନହେଉଣୁ ବିବାଦ ଆରମ୍ଭ ହୋଇ ଗଲାଣି। ପ୍ରସ୍ତୁତି ବୈଠକରେ ଖୋଦ ନିଆଳି ବିଧାୟକ ଛବି ମଲିକ ପୂର୍ବ ନିୟମକୁ ବଦଳାଇବା ସହ ନିଜର କାର୍ଯ୍ୟ ବ୍ୟସ୍ତତା ଯୋଗୁ ସଭାପତି ପଦରେ ନରଖିବାକୁ ମହୋତ୍ସବ କମିଟିକୁ ଜଣାଇ ଦେଇଛନ୍ତି। ନିଆଳି ମହୋତ୍ସବ କମିଟିକୁ ନେଇ ବୈଠକରେ ନିଆଳି ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଶ୍ନ ଉଠାଇଥିଲେ। ଏଥି ସହିତ କମିଟି କେତେବେଳେ ଗଢାଗଲା ଓ କମିଟି ପୁନର୍ବାର ଗଢ଼ାଯାଉ ବୋଲି ଦାବି କରିଥିଲେ। ଏବେ କିନ୍ତୁ ସବୁ ଚର୍ଚ୍ଚା ପରେ ମହୋତ୍ସବ ପାଇଁ ମରାଯାଇଥିବା ହୋର୍ଡିଂକୁ ନେଇ ଉଠିଛି ବିବାଦ। ନିଆଳିର ଦୁଇ ବରିଷ୍ଠ କଂଗ୍ରେସ ନେତା ଜଣେ ପୂର୍ବତନ




ଅର୍ଥରାଷ୍ଟ୍ର ମନ୍ତ୍ରୀ ପଞ୍ଚାନନ କାନୁନଗୋ ଓ ଅନ୍ୟ ଜଣେ ବିଧାୟକ ରବୀନ୍ଦ୍ର କୁମାର ମଲିକ। ଏହି ମହୋତ୍ସବ ହୋଡିଂରେ ପୂର୍ବତନ କଂଗ୍ରେସ ବିଧାୟକ ରବୀନ୍ଦ୍ର କୁମାର ମଲିକ, ପୂର୍ବତନ ବିଜେଡି ବିଧାୟକ ଡ଼. ପ୍ରମୋଦ କୁମାର ମଲିକ ଓ ବର୍ତ୍ତମାନର ବିଧାୟକ ଛବି ମଲିକଙ୍କ ଫୋଟୋ ରହିଥିବା ବେଳେ, ପୂର୍ବତନ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କ ଫୋଟୋ ମରାଯାଇ ନାହିଁ। ମହୋତ୍ସବ କମିଟିରେ ଥିବା ବିଜେପି ନେତାମାନେ ଚକ୍ରାନ୍ତ କରି କଂଗ୍ରେସ ଦଳରେ ବିଭାଜନ ସୃଷ୍ଟି କରିବାକୁ ଏଭଳି କରିଥିବା ପଞ୍ଚାନନ କାନୁନଗୋଙ୍କ ଗୋଷ୍ଠୀ କହି ବୁଲୁଛନ୍ତି। ଏହି ଘଟଣା ଏବେ ସାରା ନିଆଳିରେ ଚର୍ଚ୍ଚା ହୋଇଛି। ମହୋତ୍ସବକୁ ନେଇ ବିବାଦ ଉପୁଜୁ ଥିବା ବେଳେ ଏବେ କଂଗ୍ରେସ ଦଳର ନେତାଙ୍କ ଜଣିଏ ଫୋଟୋ ରହିବା ଓ ଅନ୍ୟ ଜଣଙ୍କ ଫୋଟୋ କାଟି ଦେବା ନେଇ ବିବାଦ ଘନୀଭୂତ ହେଉଥିବା ଆଲୋଚନା ହେଉଛି।

## ରତ୍ନାକର ସମ୍ମିଳିତ ଆଦିବାସୀ ସମାଜର ସଭାପତି

**ଝାରସୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ମିଳିତ ଆଦିବାସୀ ସମାଜର ନିର୍ବାଚନୀ ସଭା ଝାରସୁଗୁଡ଼ା ଜିଲ୍ଲା ସଂସ୍କୃତି ଭବନଠାରେ ଅବସର ପ୍ରାପ୍ତ ଇଞ୍ଜିନିୟର ଲିଳାମ୍ବର କୁମୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଂଗଠନର ଉପଦେଷ୍ଟାମାନଙ୍କ ଅଭିଭାଷଣ ପରେ ନିର୍ବାଚନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ନିର୍ବାଚନୀ ସଭାରେ ମୁଖ୍ୟ ନିର୍ବାଚନ କମିଶନ ଭାବରେ ପୂର୍ବତନ ଲଇକେରା ଓ କୁଚିଣ୍ଡା ବିଧାୟକ ବୃନ୍ଦାବନ ମାଝୀ, କମିଶନର ଭାବରେ ସଂଗଠନର ଆଇନ ପରାମର୍ଶ ଦାତା ସିଆରାମ ଦାସ ଓ ବରିଷ୍ଠ ସଭ୍ୟ ପରମାନନ୍ଦ ବାଘ ଚୟନ ହୋଇ ନିର୍ବାଚନୀ ପ୍ରକ୍ରିୟା ସୁରୁଖୁରୁରେ ନିର୍ବାହ କରିଥିଲେ। ସମ୍ମିଳିତ ଆଦିବାସୀ ସମାଜର ନୂତନ ଭାବରେ ୧୪ ଜଣିଆ କମିଟି ଗଠିତ ହେଲା। ସଭାପତି ରତ୍ନାକର ପ୍ରଧାନ, ଉପସଭାପତି ସବିତା ପ୍ରଧାନ, ମହାସଚିବ ମହେନ୍ଦ୍ର ନାଏକ, ସଚିବ ଅଶୋକ କୁମାର ମାଝୀ ଓ କୋଷାଧ୍ୟକ୍ଷ




ବିନୋଦ ବିହାରୀ ବାଗ ଓ କାର୍ଯ୍ୟ ନିର୍ବାହୀ ସଭ୍ୟ ଭାବରେ ବୀରେନ ମରେଇ, ରାମତୁଲା ବୁଦୁଲା, ସେବତୀ ବାଗ, ସରସ୍ୱତୀ ପ୍ରଧାନ, ଫକିର କିସାନ, କଷ୍ଟୁ ପିଙ୍ଗ, ବସନ୍ତ ମରେଇ, ରାଜେଶ ମୁଣ୍ଡା ନିର୍ବାଚିତ ହୋଇଛନ୍ତି। ଏହି ସଂଗଠନକୁ ସରକାରଙ୍କ ନିୟମ ଅନୁଯାୟୀ ଯଥା ଶୀଘ୍ର ରାଜ୍ୟ ସ୍ତରରେ ପଞ୍ଜିକରଣ ହେବ। ଇତି ମଧ୍ୟରେ ବ୍ଲକ, ମୁନିସିପାଲିଟି ଓ ପଞ୍ଚାୟତ ସ୍ତରୀ କମିଟି ଗଠନ ହେବ। ଶେଷରେ ନୂତନ କମିଟିକୁ ସମ୍ବର୍ଦ୍ଧନା କରା ଯାଇଥିଲା ଓ ମହାସଚିବ ଶ୍ରୀ ନାଏକ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ ପ୍ରତି ଆଦିବାସୀଙ୍କ ପରିବାରର ସମସ୍ୟାଗୁଡ଼ିକ ସମାଧାନ ପାଇଁ ଗ୍ରୀଭାନ୍ସ ସେଲ ଖୋଲା ହେବ ଓ ତାଙ୍କର ସିବିଧା ଅସୁବିଧାଗୁଡିକ ଜିଲ୍ଲା, ରାଜ୍ୟ, ତଥା ଦେଶର ବିଭିନ୍ନ ଉଚ୍ଚ ସ୍ତରୀୟ ପଦ ପଦବୀରେ ଥିବା ବ୍ୟକ୍ତି ବିଶେଷଙ୍କ ପାଖରେ ଉପସ୍ଥାପନ ହେବ। ଏହି ସଭାରେ ଟ୍ରଷ୍ଟର ସମ୍ପାଦକ ଧର୍ମେନ୍ଦ୍ର କିସାନ, ଭସ୍ମା ପଂଚାୟତର ସରପଞ୍ଚ ଲଳିତ ମୋହନ ପ୍ରଧାନ, କୁଶବନ୍ତ ସେହୁଲ, ଶଶିଭୂଷଣ ମରେଇ, ମୀନକେତନ ମରେଇ, ରମେଶ କିସାନ, ଜୟନ୍ତୀ କିସାନ, ଉଲ୍ଲାସ କିସାନ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଲବାଣୀ ପଞ୍ଚାୟତର ସମିତି ବୈଠକ

**ଫୁଲବାଣୀ:ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ପଂଚାୟତ ସମିତି ବୈଠକ ଅଧକ୍ଷା ସସ୍ମିତା କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥିଭାବେ ବିଡିଓ ସୌମ୍ୟରଂଜନ ପାତ୍ର, ଉପାଧ୍ୟକ୍ଷ ଶ୍ରୀନିବାସ ମଲିକଙ୍କ ସହିତ ୧୧ଟି ପଂଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟାମାନେ ବୈଠକରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବୈଠକରେ ପ୍ରସ୍ତୁତ କାର୍ଯ୍ୟସୂଚୀ ପ୍ରକାରେ ପ୍ରଥମେ ପୂର୍ବ ବୈଠକର ବିବରଣୀ ପଠନ କରାଯିବ ପରେ ତାକୁ ଦୃଢ଼ୀ କରଣ କରାଯାଇଥିଲା। ପୂର୍ବ ବୈଠକରେ ଗ୍ରହଣ କରାଯାଇଥିବା ପ୍ରସ୍ତାବଗୁଡ଼ିକ ଉପରେ ଅନୁପାଳନ, ଉନ୍ନୟନ ମୂଳକ ଯୋଜନା ସମ୍ବନ୍ଧରେ ଆଲୋଚନା, ସାମାଜିକ ସୁରକ୍ଷା ଯୋଜନା ସମ୍ବନ୍ଧରେ ଆଲୋଚନା, ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧୀୟ ଆଲୋଚନା, ମହିଳା ଓ ଶିଶୁ ବିକାଶ ଯୋଜନା ଉପରେ ଆଲୋଚନା, ଶିକ୍ଷା ବ୍ୟବସ୍ଥା, କୃଷିବିକାଶ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଓଡିଶା ଜୀବିକା ମିଶନ, ମାଛ ଚାଷ ଉପରେ, ପଶୁ ପାଳନ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ, ଅନୁସୂଚିତ ଜାତି ଓ ଜନ ଜାତି ବିଭାଗର ଯୋଜନା, ପ୍ରାକୃତିକ ବିପର୍ଯ୍ୟସ୍ତ ଯୋଜନା ଉପରେ ଆଲୋଚନା କରାଯାଇଥିଲା।

## ତାରିଣୀଙ୍କ ପୀଠରେ ଯଜ୍ଞ



**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର, ପଞ୍ଚାୟତର ଚଉଦଗୁଣ୍ଠ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ମନ୍ଦିର ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଏକ ଦିବସୀୟ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ପରେ ବିଦ୍ୱାନ ପଣ୍ଡିତମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୋ ପୂଜା କରାଯାଇ ସଣ୍ଡଳ ସ୍ଥାପନ ଓ ମଣ୍ଡପ ସଂସ୍କାର କରାଯାଇଥିଲା। ଯଜ୍ଞ କାର୍ଯ୍ୟରେ, ପୁରୋହିତ, ସନ୍ତୋଷ କୁମାର ପଣ୍ଡା, ଭୋବନୀ ତ୍ରିପାଠୀ, ଆଦିକନ୍ଦ ମହାପାତ୍ର ଓ ତାଙ୍କ ଧର୍ମପତ୍ନି ଦେବସ୍ମିତା ମହାପାତ୍ର, କର୍ତ୍ତାକର୍ତ୍ତୀ ଭାବେ ଅଂଶଗ୍ରହଣ କରିଥିଲେ। ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନିକଟ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ପରେ ସମସ୍ତ ଗ୍ରାମବାସୀ ସହଯୋଗ କରିବା ସହିତ ପ୍ରସାଦ ସେବନ କରିଥିଲେ।

## ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ସଚେତନତା




**ରାୟଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡ଼ ବନାଞ୍ଚଳ ପକ୍ଷରୁ ଆଜି ଗୁମ୍ମା ସେକ୍ସନ ଅନ୍ତର୍ଗତ ସଂକେଶ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବଣଭୋଜି ସ୍ଥଳଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରିବା ସହ ପରିବେଶ ଅନୁକୂଳ ଦ୍ରବ୍ୟ ବ୍ୟବହାର ପ୍ରତି ସଚେତନତା ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମରେ ଗୁମ୍ମା ଗ୍ରାମପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ଗ୍ରାମବାସୀ, ରାୟଗଡ଼ ଏନ.ସି.ସି କ୍ୟାଡର, ରାୟଗଡ଼ ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ରିପୁ କୁମାର ସାହୁ ଓ କର୍ମଚାରୀମାନେ, ସହିତ ରାୟଗଡ଼ ବନାଞ୍ଚଳର ସମସ୍ତ ବନ କର୍ମଚାରୀମାନେ ଯୋଗଦାନ କରିଥିଲେ। ଏହି ଅବସରରେ ରାୟଗଡ଼ ବନାଞ୍ଚଳ ଅଧିକାରୀ କାମେଶ୍ୱର ଆଚାରୀ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ବ୍ୟବହାର କିପରି କମ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ସରକାରୀ କର୍ମଚାରୀ, ଗୁମ୍ମା ଗ୍ରାମପଞ୍ଚାୟତର ଗ୍ରାମବାସୀ ଓ ରାୟଗଡ଼ ଏନ.ସି.ସି କ୍ୟାଡର ସଦସ୍ୟମାନେ ସଂକେଶ ବଣଭୋଜି ସ୍ଥଳରେ ଦୀର୍ଘଦିନ ଧରି ପଡ଼ିଥିବା ପ୍ଲାଷ୍ଟିକ ଅବର୍ଜନା ଯଥା ପଲିଥିନ, ପାଣି ପାଉଚ, ମସଲା ଜରି, ଜରି ଆବରଣ, ପେପର ପ୍ଲେଟ ଇତ୍ୟାଦି ସଫା କରି ସେହି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ କରିଥିଲେ। ସେହି ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ଅଳିଆ ନ ଫୋଙ୍କିବା ପାଇଁ ଶପଥ ପାଠ କରାଯାଇଥିଲା ଓ ଅଳିଆ ନିମନ୍ତେ କୁଣ୍ଡ ରଖାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କାମେଶ୍ୱର ଆଚାରୀ ସୁଚାରୁ ଭାବେ ପରିଚାଳନା କରିଥିଲେ।

## ମା ଉକୁଳେଇଙ୍କ ଜନ୍ମଦିନ

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ହେଉଛି ପବିତ୍ର ତ୍ରିବେଣୀ ଅମାବାସ୍ୟା। ପ୍ରତ୍ୟେକ ବର୍ଷ ମାଘ ମାସ ଅମାବାସ୍ୟାରେ ଏହି ପବିତ୍ର ଦିନରେ ଅସ୍ତରଙ୍ଗର ପ୍ରସିଦ୍ଧ ଶକ୍ତିପୀଠ ମା ଉକୁଳେଇଙ୍କ ପବିତ୍ର ଜନ୍ମଦିନ। ଏହି ଦିନ ମା'ଙ୍କ ଆବିର୍ଭାବ ହୋଇଥିଲା। ମା ଆଦିମାତା କେଉଁ କାଳରୁ ଏଠି ଥିଲେ। କିନ୍ତୁ ଲୋକଲୋଚନକୁ ଆଜିର ଦିନରେ ମାଙ୍କ ଆବିର୍ଭାବ। ବିଶ୍ୱାସ ରହିଛି ଯେ ଯେମିତିକା ଜ୍ୱର କି ଅନ୍ୟ କୌଣସି ରୋଗରେ ଆକ୍ରାନ୍ତ ହେଉ ମାଙ୍କ ପାଦୁକ ପାଣି ଓ ସିଦ୍ଧ ପୋଖରୀରେ ସ୍ନାନ କଲେ ଅସାଧ ରୋଗରୁ ତାକୁ ଉପଶମ ମିଳିଥାଏ ବୋଲି ବିଶ୍ୱାସ ରହିଛି। କେବଳ ସେତିକି ନୁହେଁ ମାଙ୍କ ନିକଟରେ ଯିଏ ବି ନିଜ ଦୁଃଖ ଜଣାଏ ମା ତାଙ୍କ ମାନସିକ ପୂର୍ଣ୍ଣ କରନ୍ତି। ଆଜିର ପବିତ୍ର ଦିନରେ ମାଙ୍କ ଚାପ ଖେଳ ହୁଏ। ମା ସିଦ୍ଧ ପୋଖରୀରେ ମହାସ୍ନାନ କରନ୍ତି, ଅଙ୍କୁରାରୋପଣ, ମଙ୍ଗଳ ଆରତୀ, ସ୍ନାନ, ମାର୍ଜନା, ବେଶ, ବାଲ୍ୟ ଭୋଗ କରାଯାଇ ମାଙ୍କ ଯଜ୍ଞ କାର୍ଯ୍ୟ ଅଭିଜ୍ଞ ପଣ୍ଡିତମାନଙ୍କ ଦ୍ୱାରା କରାଯାଏ। ରାତି ପର୍ଯ୍ୟନ୍ତ ଯଜ୍ଞ କାର୍ଯ୍ୟ, ପୂର୍ଣ୍ଣାହୁତି, ଚଣ୍ଡୀପାଠ କରାଯାଏ। ବିଶ୍ୱାସ ଅଛି ଆଦିମ କାଳରୁ, କେବଳ ଅସ୍ତରଙ୍ଗ କି କାକଟପୁର ନୁହଁ, ରାଜ୍ୟର କୋଣ ଅନୁକୋଣରୁ ଭକ୍ତମାନେ ଛୁଟି ଆସନ୍ତି ଆଜି ମାଙ୍କ ଜନ୍ମଦିନରେ। ମାଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିବାକୁ ସମସ୍ତ ଭକ୍ତଙ୍କ ପାଇଁ ନିଶୁଳ୍କ ଭାବେ ପ୍ରସାଦ ବ୍ୟବସ୍ଥା ହୁଏ, ଘଣ୍ଟ, ବାଜା, ଶଙ୍ଖ ଧ୍ୱନିରେ ଆଜି ଏହି ଶକ୍ତିପୀଠରେ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଶ୍ରଦ୍ଧାଳୁଙ୍କ ସମାଗମକୁ ଆଖିରେ ରଖି ଅସ୍ତରଙ୍ଗ ଥାନା ନିରୀକ୍ଷକ ଦୁର୍ଗାଚରଣ ମହାପାତ୍ରଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

## କଟକ ଆସିବେ ଉପରାଷ୍ଟ୍ରପତି

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜାନୁୟାରୀ ୨୩ ତାରିଖରେ କଟକ ଆସିବେ ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ। ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ସ୍ଥାନୀୟ ଓଡ଼ିଆ ବଜାର ସ୍ଥିତ ନେତାଜୀଙ୍କ ଜନ୍ମ ସ୍ଥାନ ସଂଗ୍ରହାଳୟ ଆସିବେ। ଆସିବା ନେଇ ସହମତି ପ୍ରଦାନ କରିଛନ୍ତି ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ। ଉପରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ଏ ନେଇ ସୂଚନା ଦେବା ସହ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟର ତଦାରଖ ସଂସ୍କୃତି ସଚିବ ବିଜୟ କେତନ ଉପାଧ୍ୟେ କରିଛନ୍ତି।

## ସୁଭଦ୍ରା ଶକ୍ତି ମେଳା ପାଇଁ ପ୍ରସ୍ତୁତି

**ବୌଦ୍ଧ:ଏକ୍ସପ୍ରେସ୍ ନ୍ୟୁଜ୍**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ପାଇଁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆସନ୍ତା ଫେବୃୟାରୀ ୭ ତାରିଖରୁ ଫେବୃୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଉକ୍ତ ମେଳାରେ ୧୨୦ଟି ଷ୍ଟଲ ଖୋଲାଯିବ। ତନ୍ମଧ୍ୟରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୫୦ଟି ଷ୍ଟଲ, ୨୯ଟି ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୫୦ଟି ଷ୍ଟଲ, ୧୫ଟି ବିଭାଗୀୟ ଷ୍ଟଲ ଓ ଜରୁରୀ ସେବା ପାଇଁ ୫ଟି ଷ୍ଟଲ ଖୋଲାଯିବ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ତହସିଲଦାର ଅନୀତା କୁମାରୀ ସାହୁ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ, ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### AFFIDAVIT

By virtue of an affidavit before the Executive Magistrate, Marshaghai, I Pramod Kumar Malik, aged about 44years S/o Late Kanda Malik of vill-Juna, Po/Ps-Marshaghai, Dist.-Kendrapara I have change my name from Babuli Malik S/o- Late Kanda Malik to Pramod Kumar Malik S/o Late Kanda Malik. Hencforth I shall be knonw as Pramod Kumar Malik, S/o Kanda Malik of above village for all purposes.

**Pramod Kumar Malik**

## ଜଳେଶ୍ୱର କୃଷି ଜିଲ୍ଲାରେ କର୍ମଚାରୀ ମରୁଡି: ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଖରିଫ ଋତୁରେ ସୁବର୍ଣ୍ଣରେଖା ନଦୀରେ ୭ଟି ବନ୍ୟା ଦେଖାଦେଇଥିବାରୁ ଚଳିତବର୍ଷ ରବିଚାଷ ଲାଗି କୃଷକ ଉଦବିଗ୍ନ ହୋଇଥିଲା କିନ୍ତୁ ଜଳେଶ୍ୱର କୃଷି ଜିଲ୍ଲା କାର୍ଯ୍ୟାଳୟରେ ଅର୍ଦ୍ଧାଧିକ ପଦବୀରେ କୃଷି ଅଧିକାରୀ ଓ କର୍ମଚାରୀ ନ ଥିବାରୁ ରବିଚାଷ ପାଇଁ ୩ଟି ବ୍ଲକର କୃଷକମାନେ ସଠିକ୍ ମାର୍ଗଦର୍ଶନ ନପାଇ ଅକଳରେ ପଡିଛନ୍ତି। ଗ୍ରାମାଂଚଳରେ ରହିଥିବା ୪୮ଟି ଗ୍ରାମ୍ୟ କୃଷି ଅଧିକାରୀ କର୍ମଚାରୀ ମଧ୍ୟରୁ ୨୮ଟିରେ କେହିନଥିବା କୃଷକ ପ୍ରତି ଦରଦ ଉପହାସ ଭଳି ପ୍ରତିୟମାନ ହେଉଛି।

ସମଗ୍ର ବାଲେଶ୍ୱର ଜିଲ୍ଲାରେ ୫ଟି କୃଷି ଜିଲ୍ଲା ଥିବାବେଳେ ଜଳେଶ୍ୱର କୃଷି ଜିଲ୍ଲାରେ ବ୍ୟାପକ ରବିଚାଷ ହୋଇଥାଏ। ବିଶେଷକରି ସମଗ୍ର ଜିଲ୍ଲାରେ ୨୫ହଜାର ହେକ୍ଟର ଧାନଚାଷ ହେଉଥିବା ବେଳେ ଜିଲ୍ଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକରେ ୨୧ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ଏହା ବ୍ୟତିତ ୩୫୦୦ ହେକ୍ଟର ଜମିରେ ଡାଲି ଜାତୀୟ, ୩ ହଜାର ହେକ୍ଟର ଜମିରେ ପନିପରିବା ଚାଷ ମଧ୍ୟ ବହୁଳ ଭାବେ ହୋଇଥାଏ। ଜଳେଶ୍ୱର କୃଷି ଜିଲ୍ଲାର କୃଷକମାନେ ସଚେତନ ହୋଇଥିବାରୁ କୃଷି ଅଧିକାରୀମାନଙ୍କ ପରାମର୍ଶ ଲୋଡିଥାନ୍ତି। ସମଗ୍ର ରାଜ୍ୟରେ ଜାନୁଆରୀ ମାସରେ ରବିଧାନ ତଳି ପଡୁଥିବା ବେଳେ ଜଳେଶ୍ୱର କୃଷି ଜିଲ୍ଲାର ପ୍ରାୟ ୫୦ଭାଗ ରୁଆ ପୋତା ଶେଷ ହୋଇଛି। କିନ୍ତୁ ଗତ କିଛିବର୍ଷ ଧରି କୃଷି କର୍ମଚାରୀଙ୍କ ଅଭାବ ଯୋଗୁଁ ଚାଷୀମାନ କୃଷି ପରାମର୍ଶ ପାଇପାରୁନାହାନ୍ତି।

କୃଷି ବିଭାଗର ତଥ୍ୟ ଅନୁଯାୟୀ ଜଣେ କୃଷି ଜିଲ୍ଲା ଅଧିକାରୀ ରହିବାକୁ ଥିବା ବେଳେ ଦୀର୍ଘ ମାସ ଧରି ଚେୟାର




ଫାଙ୍କା ପଡିଛି। ୩ଟି ବ୍ଲକରେ ୩ଜଣ ବ୍ଲକ କୃଷି ଅଧିକାରୀ ପଦବୀ ଥିବା ବେଳେ ଏବେ ଗୋଟିଏ ପଦବୀ ଜଳେଶ୍ୱର ଫାଙ୍କା ପଡିଛି। ସହକାରୀ କୃଷି ଅଧିକାରୀ ଭାବେ ୭ଜଣ ରହିବାର ବ୍ୟବସ୍ଥା ଥିବା ବେଳେ ୫ଟି ପଦବୀରେ କେହି ନାହାନ୍ତି। କୃଷି ଅଧିକାରୀଭାବେ ୧୦ଟି ପଦବୀରୁ ୪ଟି ଫାଙ୍କା ଓ ପିପିଏ ଅଧିକାରୀ ପଦବୀ ଖାଲି ରହିଛି। ଭୋଗରାଇରେ ୧୫ଜଣ ଗ୍ରାମ୍ୟକୃଷି ଅଧିକାରୀ ରହିବାକୁ ଥିବା ବେଳେ ୮ଟି, ଜଳେଶ୍ୱରରେ ୧୯ଟି ମଧ୍ୟରୁ ୭ଟି, ବାଲିଆପାଳରେ ୧୪ଟି ମଧ୍ୟରୁ ୯ଟି ଫାଙ୍କା ପଡିଥିବାରୁ କୃଷକମାନେ ହତୋତ୍ସାହ ହୋଇ ପଡିଛନ୍ତି। କୃଷି ଜିଲାରେ ୩ଜଣ ବରିଷ୍ଠ କିରାଣୀ ଓ କନିଷ୍ଠ କିରାଣୀ ଗୋଟିଏ ରହିବାକୁ ଥିବା ବେଳେ ତାହା ମଧ୍ୟ ଫାଙ୍କା ପଡିଛି। ସେହିଭଳି ପିଅନ୍ ଓ ରାତି ଜଗୁଆଳି ୩ଟି ପଦବୀ ଥିବା ବେଳେ ଦୁଇଜଣ ରହିଛନ୍ତି। ପ୍ରକାଶଯୋଗ୍ୟ କୃଷି ପରାମର୍ଶ ଲାଗି ପଶ୍ଚିମବଂଗ ଓ ଆନ୍ଧ୍ରରେ ବିଭିନ୍ନ ସୁବିଧା ସୁଯୋଗ ଓ ଅଧିକ କର୍ମଚାରୀ ତଥା କୃଷି କମ୍ପାନୀଗୁଡିକ ପରାମର୍ଶ ଦେବାକ ଥିବା ବେଳେ ଓଡିଶାରେ ତାହା ନଥିବା ପରିତାପର ବିଷୟ। ଏହା ବ୍ୟତିତ ବିଭିନ୍ନ ସରକାରୀ ଯୋଜନାରେ କୃଷି ଅଧିକାରୀ ଏବଂ ଦୈବିଦୁର୍ବିପାକରେ ସେମାନଙ୍କୁ ନିୟୋଜିତ କରାଯାଉଥିବା ବେଳେ କର୍ମଚାରୀ ମରୁଡି ଯୋଗୁଁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। କୃଷକମାନଙ୍କ ଉନ୍ନତି ହୋଇପାରୁ ନଥିବା ବେଳେ ମାର୍ଗଦର୍ଶକ ଓ ପ୍ରୋତ୍ସାହନ ଅଭାବରୁ ଅର୍ଥକାରୀ ଚାଷରୁ କୃଷକ ମୁହଁ ଫେରାଉଛନ୍ତି। ଦୀର୍ଘଦିନ ହେବ କର୍ମଚାରୀ ଅଭାବ ଲାଗି ରହି ଥିବାରୁ କୃଷକ ସଂଗଠନ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ ସମ୍ପର୍କରେ ଆଭାସ ମିଳୁଥିବା ସୂଚନା ମିଳୁଛି।

